# Akashvani, Sambalpur

# SAMBALPURI NEWS BULLETIN

## 8 February 2026 – 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ-ବଜେଟ୍ ପ୍ରସ୍ତାବ୍ ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍ନେଶ୍ୱର୍ ଲୋକସେବା ଭବନ୍ ନ ଗଲାକାଏଲ୍ ଚଲ୍ତି ଆର୍ଥିକ୍ ବଛ୍ରେ ଭିନ୍ ଭିନ୍ ବିଭାଗ୍ର ଖର୍ଚ୍ଚା ଆଉ ଆଏବା ଆର୍ଥିକ୍ ବଛର୍ ଲାଗି ଅର୍ଥ ବିଭାଗ୍ ତର୍ଫୁ ତିଆର୍ କରାଯାଇଥିବା ବଜେଟ୍ ପ୍ରସ୍ତାବ୍ର ସମୀକ୍ଷା କରିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ବିଭାଗ୍ର ଅଧିକାରୀମାନ୍କର୍ ସାଙ୍ଗେ ଆଲୋଚନା କର୍ବାର୍ ସହେତେ ବଜେଟ୍ ବାବ୍ଦେ ସେମାନ୍କର୍ ମତାମତ୍ ମାଗିଛନ୍ । ଚଲ୍ତି ବଜେଟ୍ ଲାଗି ଜନସାଧାରଣ୍ଙ୍କର୍ନୁ ଭିଲ୍ ମତାମତ୍ ମଗାଯାଇଥିଲା । ତାର୍ ଆଘୋନୁ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ୍ଥି ମୁଖ୍ୟମନ୍ତ୍ରୀ ବିଶେଷଜ୍ଞ, ନାଗରିକ୍ ସମାଜ୍ ଆଉ ଭିନ୍ ଭିନ୍ କ୍ଷେତ୍ରର୍ ପ୍ରତିନିଧି ମାନ୍କର୍ ସାଙ୍ଗେ ଆଲୋଚନା କରିଥିଲେ । ବିଧାନ୍ସଭାର୍ ବଜେଟ୍ ଅଧିବେଶନ୍ ଇ ମାସ ୧୭ ତାରିଖ୍ନୁ ମୁଲ୍ ହେବା ଆଉ ୨୦ ତାରିଖ୍ ଦିନ ବଜେଟ୍ ଉପସ୍ଥାପନ୍ କରାଯିବା ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀଙ୍କର୍ ଭୁବ୍‌ନେଶ୍ୱର୍ ଜନ ଅଭିଯୋଗ୍ ଶୁଣାଣି ଶିବିର୍ ନ ଆଏବା କାଏଲ୍ ଜନଅଭିଯୋଗ୍ ଶୁଣାଣି ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉପସ୍ଥିତ୍ ରହିକରି ଲୁକ୍‌କର୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କର୍‌ବେ । ଧାରିଜ୍ ସମିଆଥି ଅଭିଯୋଗ୍‌କାରୀମାନେ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର୍ ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ସାଙ୍ଗେ ଉପସ୍ଥିତ୍ ରହେବାର୍‌କେ ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଦାଏଲ୍ ଜାତୀୟ ଫସଲ୍-ଜାତୀୟ କର୍ମଶାଳା ଆଇ.ଆଣ୍ଡ୍.ପି.ଆର୍

କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରଣାଳୟ ତର୍‌ଫୁ ଗଲାକାଏଲ୍ ମଧ୍ୟପ୍ରଦେଶ୍‌ର ସେହୋର୍ ଆମଲାହା ଠାନେ ରାଷ୍ଟ୍ରୀୟ ଦାଏଲ୍ ଆତ୍ମନିର୍ଭରତା ମିଶନ୍ ଅଧୀନ୍‌ଥି ଦାଏଲ୍ ଜାତୀୟ ଫସଲ୍ ଉପ୍‌ରେ ଗୁଟେ ଜାତୀୟ କର୍ମଶାଳା ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ ଅଧ୍ୟକ୍ଷତା କରିଥିଲେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଆଉ ରାଜ୍ୟ କୃଷି ଆଉ କୃଷକ୍ ସଶକ୍ତିକରଣ୍ ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ଓଡ଼ିଶାର୍ ସାମଗ୍ରିକ୍

କୃଷିର ଥିତି ବାବ୍‌ଦେ ଆଲୋକ୍‌ପାତ୍ କରିଥିଲେ । ଇତାର୍‌ସହେତେ ରାଏଜେ ରଣନୈତିକ୍ ନୀତି ପ୍ରଯୁକ୍ତିବିଦ୍ୟା ଆଉ ଜଲ୍‌ବାୟୁ ସହନୀୟ କୃଷି ପଦ୍ଧତି ଜରିଏ ଓଡ଼ିଶା ନ ଚାଷ୍ କ୍ଷେତ୍ରଥି ବହୁତ୍ ପରିବର୍ତନ୍ ଆସିଛେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ବାର୍ଷିକ୍ ମାଧ୍ୟମିକ୍ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ୍ ପରୀକ୍ଷା ଆଏବା ୧୮ ତାରିଖ୍‌ନୁ ଆଉ ବାର୍ଷିକ୍ ମାଧ୍ୟମିକ୍ ପରୀକ୍ଷା ସହେତେ ରାଜ୍ୟ ମୁକ୍ତ ବିଦ୍ୟାଲୟ ସାର୍ଟିଫିକେଟ୍ ଆଉ ମଧ୍ୟମା ପରୀକ୍ଷା ଆଏବା ୧୯ ତାରିଖ୍ ନୁ ହେବା । ପରୀକ୍ଷାକେ ଶୃଙ୍ଖଲିତ୍ ଭାବେ ପରିଚାଲନା କର୍‌ବାର୍ ଲାଗି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଆଭାସୀ ଜରିଏ ରାଜ୍ୟର୍ ସବୁ ଜିଲ୍ଲାର୍ ଜିଲ୍ଲାପାଲ୍, ଅତିରିକ୍ତ ଜିଲ୍ଲାପାଲ୍‌ଙ୍କର୍ ସହେତେ ଆରକ୍ଷୀ ଅଧିକ୍ଷକ୍ ମାନେ ଯୋଗ୍ ଦେଇଥିଲେ ।

ଫାଇଲେରିଆ ନିରାକକରଣ ଅଭିଯାନ୍ ଆଇ.ଆଣ୍ଡ୍.ପି.ଆର

ରାଏଜେ ଆଏବା ୧୦ ନୁ ୧୯ ତାରିଖ୍ ତକ୍ ଫାଇଲେରିଆ ନିରାକରଣ ଆଉ ସାମୂହିକ୍ ଔଷଧ ସେବନ୍ ଅଭିଯାନ୍ ହେବା । ଇଥର ବଲାଙ୍ଗିର୍,

ବର୍‌ଗଡ଼୍‌, ଗଞ୍ଜାମ୍‌, ଢେଙ୍କାନାଲ୍‌, ଯାଜ୍‌ପୁର୍‌ ଜିଲ୍ଲାର୍‌ ୭ ଟା ବ୍ଲକ୍‌ ଆଉ ସହରାଂଚଲ୍‌ ନ ଇ କାର୍ଯ୍ୟକ୍ରମ୍‌ ହେବା । ଆଶାକର୍ମୀ ନାହେତ ତାଲିମ୍‌ ପାଇଥିବା ସ୍ୱେଚ୍ଛାସେବୀମାନେ ଘର୍‌, ସ୍କୁଲ୍‌, କଲେଜ୍‌ ଆଉ ଅଫିସ୍‌କେ ଯାଇକରି ଇ ଉଷୋ ଖୁଆବେ ।

ରାଜସ୍ୱ ବିଭାଗ୍‌ ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଳ୍‌ଙ୍କର୍‌ ସମ୍ମିଳନୀ କକ୍ଷ ନ ଗଲାକାଏଲ୍‌ ରାଜସ୍ୱ ବିଭାଗ୍‌ ସମୀକ୍ଷା ବୈଠକ୍‌ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଲ୍‌ ମଧୁସୂଦନ୍‌ ଦାସ୍‌ ଅଧ୍ୟକ୍ଷତା କରିକରି ଜିଲ୍ଲା ନ ରାଜସ୍ୱ ମାମ୍‌ଲା ମାନ୍‌କର୍‌ ତୁର୍‌ତି ଫଇସଲା କର୍‌ବାର୍‌ ବେଆଇନ୍‌ ଇଟାଭାଟି ସବୁକେ ବନ୍ଦ୍‌ କର୍‌ବାର୍‌ ଲାଗି ନିର୍ଦ୍ଦେଶ୍‌ ଦେଇଥିଲେ । ଇ ଅବ୍‌ସରେ ଜିଲ୍ଲାପାଲ୍‌ ଗାଁ ନ ରାଜସ୍ୱ ପ୍ରଶାସନ୍‌ କାର୍ଯ୍ୟକ୍ରମ୍‌କେ ଅଏତ୍‌କା ବ୍ୟାପକ୍‌ କର୍‌ବାର୍‌ ଲାଗି ଅଧିକାରୀମାନ୍‌କୁ କହିଥିଲେ ।

ବଲାଙ୍ଗିର୍‌-ଜନଗଣନା ହି.ସ.

ବଲାଙ୍ଗିର୍‌ ଜିଲ୍ଲା ନ ଆଏବା ଜନଗଣନା ୨୦୨୭ ର ପହେଲା ଖେପ୍‌ କାମ୍‌ ଲାଗି ଜିଲ୍ଲାସ୍ତରୀୟ ସମୀକ୍ଷା ଆଉ ତାଲିମ୍‌ ଶିବିର୍‌ ହେଇଯାଇଛେ ।

ଜିଲ୍ଲାପାଳ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ୍ ଆଉ ମୁଖ୍ୟ ଜନଗଣନା ଅଧିକାରୀ ଗୌରବ ଶିଓ୍ୱାଜୀ ଇସଲ୍‌ଓ୍ୱାର୍ ଅଧ୍ୟକ୍ଷତା କରିକରି ୨ ଟା ଖେପେ ଜନଗଣନା ହେବା ବଲି ସୂଚ୍‌ନା ଦେଇଥିଲେ ।

ଜଲ୍‌ସେଚନ୍ ବିଭାଗ୍-ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଳ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଜଲ୍‌ସେଚନ୍ ବିଭାଗ୍‌ର କାମ୍‌କାଜ୍‌ର ମାସିକ୍ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାର୍ ସଫଲ୍ ରବି ଜଲ୍‌ସେଚନ୍ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ବଲାଙ୍ଗିର୍ ଆୟୁର୍ବେଦ୍ କଲେଜ୍ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ସର୍‌କାରୀ ଆୟୁର୍ବେଦ୍ ମହାବିଦ୍ୟାଳୟ ଆଉ ଡାକ୍ତର୍‌ଖାନାର୍ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଗଲାକାଏଲ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି ମହାବିଦ୍ୟାଳୟର୍ ସର୍ବାଙ୍ଗୀନ୍ ଉନ୍ନତି କର୍‌ବାରେ ସହେତେ ରାଏଜେ

ଆୟୁର୍ବେଦ୍‌ର ଉନ୍ନତି ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ ସଂକଳ୍ପ ନେଇଛନ୍ ବଲି କହିଛନ୍ । ଇ ଅବ୍‌ସରେ ଅତିଥି ମାନେ ସୁବର୍ଣ୍ଣଜୟନ୍ତୀ ସ୍ମରଣିକାକେ ଉନ୍ମୋଚନ୍ କରିଥିଲେ ।

ଟି-ଟ୍ୱେଂଟି ବିଶ୍ୱକପ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ- ଆଇସିସି ତର୍‌ଫୁ ଟି-ଟ୍ୱେଂଟି ପୁରୁଷ ବିଶ୍ୱକପ୍‌ର ୧୦ ନମ୍ବର୍ ସଂସ୍କରଣ୍ ଗଲାକାଏଲ୍‌ନୁ ମୁଲ୍ ହେଇଛେ । ମୁମ୍ବାଇର୍ ୱାଙ୍ଖଡ଼େ ଷ୍ଟାଡ଼ିୟମ୍ ନ ହେଇଥିବା ମେଚ୍‌ଥି ଭାରତ୍ ୨୯ ରନ୍‌ଥି ଆମେରିକାକେ ହରେଇଛେ । ପହେଲା ଦିନ ୩ ଟା ମେଚ୍ ଖେଲାଯାଇଥିଲା ।

ଅଲମ୍ପିକ୍ସ ଭାରତ୍ ଏଥ୍‌ଲେଟିକ୍ ଚାମ୍ପିଆନ୍‌ସିପ/ଆର୍‌ଏନ୍‌ୟୁ/ ସମ୍ବଲପୁର

ହରିଆନାର୍ ରୋତକ୍ ଠାନେ ହେଇଥିବା ସ୍ୱତନ୍ତ୍ର ଅଲମ୍ପିକ୍ସ ଭାରତ୍ ଏଥ୍‌ଲେଟିକ୍ ଚାମ୍ପିଆନ୍‌ସିପ୍ ଉଦ୍‌ଯାପିତ୍ ହେଇଯାଇଛେ । ଇଥି ଓଡ଼ିଶା ପୁରୁଷ ଆଉ ମହିଲା ଦଲ୍ ୩୪ ଟା ପଦକ୍ ସହେତେ ଅଭିଯାନ୍ ଶେଷ୍ କରିଛେ । ସେଥିର୍‌ଭିତ୍‌ରୁ ୧୩ ଟା ସ୍ୱର୍ଣ୍ଣ, ୧୧ ଟା ରୌପ୍ୟ ଆଉ ୧୦ ଟା

କାଂସ୍ୟ ପଦକ୍ ସାମିଲ୍ ଅଛେ । ଚମ୍ପିଆନ୍‌ସିପ୍‌ଥି ୨୭ ଟା ରାଜ୍ୟନୁ ୬ ଶହ ୫ନ୍ ପ୍ରତିନିଧି ଭାଗ୍ ନେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼୍‌ଭାଗୀ ଜାଗାନ ଶୀତ୍‌ର ପ୍ରଭାବ୍ କମିଛେ । ଆଏବା ୨ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ରାତିର୍ ତାପମାତ୍ରା ୨ ନୁ ୪ ଡିଗ୍ରୀ ତକ୍ କମ୍‌ବା ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ଅନୁମାନ କରାଯାଇଛେ ।

ଆଏବା ୨୪ ଘଂଟା ଭିତ୍‌ରେ ଗଞ୍ଜାମ୍, ଜଗତ୍‌ସିଂହପୁର୍ ଆର୍ ପୁରୀ ଜିଲ୍ଲା ନ ହାଲ୍‌କାନୁ ମଧ୍ୟମ ଧରଣର କୁହୁଡ଼ି ହେବା ବଲି କେନ୍ଦ୍ର ତର୍‌ଫୁ କୁହାଯାଇଛେ ।